# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
### 7 January - 2025
*********************************

## ଧର୍ମେନ୍ଦ୍ର ପ୍ରଧାନ-ଉଦ୍‌ଘାଟନ

ୟୁଜିସି ନିୟମାବଳୀ ୨୦୨୫ର ଚିଠା ପ୍ରସ୍ତାବକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗତକାଲି ନୂଆଦିଲ୍ଲୀଠାରେ ଉଦ୍‌ଘାଟନ କରିଛନ୍ତି । ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଶିକ୍ଷକ ଏବଂ ଏକାଡେମିକ କର୍ମଚାରୀଙ୍କ ନିଯୁକ୍ତି ଓ ପଦୋନ୍ନତି ସଂକ୍ରାନ୍ତ ସର୍ବନିମ୍ନ ଯୋଗ୍ୟତା ଏବଂ ଉଚ୍ଚ ଶିକ୍ଷାରେ ଗୁଣବତ୍ତା ବଜାୟ ରଖିବା ଲକ୍ଷ୍ୟରେ ଏହି ନିୟମାବଳୀ ପ୍ରସ୍ତୁତ କରାଯାଇଛି । ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ନିୟମାବଳୀ ଶିକ୍ଷକ ଏବଂ ଶିକ୍ଷାନୁଷ୍ଠାନ ପରିବେଶକୁ ଅଧିକ ସଶକ୍ତ କରିବ । ଏହାର ଚୂଡାନ୍ତ ରୂପରେଖ ପ୍ରସ୍ତୁତି ନେଇ ସମସ୍ତଙ୍କଠାରୁ ମତାମତ ଲୋଡାଯାଇଛି । ଏହି ଅବସରରେ ୟୁଜିସି ନୂଆ ଅଡିଟୋରିୟମ ପୁଷ୍ପଗିରିକୁ ମଧ ମନ୍ତ୍ରୀ ଶ୍ରୀ ପ୍ରଧାନ ଉଦ୍‌ଘାଟନ କରିଛନ୍ତି ।

## ଓଡ଼ିଶାରେ ଜୟଶଙ୍କର

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ଗତକାଲି ଭୁବନେଶ୍ୱରଠାରେ ପହଞ୍ଚିଛନ୍ତି । ବିମାନବନ୍ଦରଠାରେ ତାଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଏବଂ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ପ୍ରମୁଖ ସ୍ୱାଗତ କରିଥିଲେ । ପ୍ରବାସୀ ଭାରତୀୟ ଦିବସ ପାଳନ ଅବସରରେ ସେ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଓଡ଼ିଶାରେ ରହିବାର କାର୍ଯ୍ୟସୂଚୀ ସ୍ଥିର ହୋଇଛି ।

ଆଜି କୋଣାର୍କ ସୂର୍ଯ୍ୟମନ୍ଦିର ସହ ପୁରୀ ଜଗନ୍ନାଥ ମନ୍ଦିରକୁ ଗସ୍ତ କରିବେ । ପରେ ଡକ୍ଟର ଜୟଶଙ୍କର ରଘୁରାଜପୁର ଏବଂ ଧଉଳୀ ଗସ୍ତରେ ଯିବାର କାର୍ଯ୍ୟସୂଚୀ ରହିଛି ।

## ପ୍ରବାସୀ ଭାରତୀୟ ଦିବସ-କଟକ

ଭୁବନେଶ୍ୱରଠାରେ ଆସନ୍ତାକାଲିଠାରୁ ଆରମ୍ଭ ହେଉଥିବା ପ୍ରବାସୀ ଭାରତୀୟ ଦିବସ ଅବସରରେ ଅତିଥିଗଣ କଟକର ୫ଟି ସ୍ଥାନ ବୁଲିବାର କାର୍ଯ୍ୟସୂଚୀ ସ୍ଥିର ହୋଇଛି । ମିଳିଥିବା ସୂଚନା ଅନୁଯାୟୀ ନ୍ୟାୟ ସଂଗ୍ରହାଳୟ, ଓଡ଼ିଶା ରାଜ୍ୟ ନୌବାଣିଜ୍ୟ ସଂଗ୍ରହାଳୟ, ସିଲଭରସିଟି ବୋଟିଂ କ୍ଲବ, ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ଏବଂ ବୌଦ୍ଧ କୀର୍ତ୍ତିସ୍ଥଳ ଲଳିତଗିରି ସେଥିମଧ୍ୟରେ ଅନ୍ତର୍ଭୁକ୍ତ । ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଏନେଇ ସ୍ଥିତି ସମୀକ୍ଷା କରିଛନ୍ତି । ପ୍ରତ୍ୟେକ ସ୍ଥାନରେ ଜଣେ ଲେଖାଏଁ ପ୍ରଶାସନିକ ଅଧିକାରୀଙ୍କୁ ନୋଡାଲ ଅଫିସର ଭାବେ ଦାୟିତ୍ୱ ଅର୍ପଣ କରାଯାଇଛି ।

## ମୁଖ୍ୟ ବିଚାରପତି-ଶିଳାନ୍ୟାସ

ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣସିଂହ ଦେବଗଡ ଜିଲ୍ଲା ବାରକୋଟଠାରେ ନୂତନ ଜେଏମ୍ଏଫ୍ସି କୋର୍ଟର ସ୍ଥାୟୀ କୋଠା ଏବଂ ରିଆମାଳ ଜେଏମ୍ଏଫ୍ସି କୋର୍ଟ କର୍ମଚାରୀ ବାସଗୃହ ଏବଂ ଆଇନ୍‌ଜୀବୀ ସଂଘ କୋଠାର ଶିଳାନ୍ୟାସ କରିଛନ୍ତି । ଆଭାସୀ ମାଧ୍ୟମରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ହାଇକୋର୍ଟର ଅନ୍ୟତମ ବିଚାରପତି ଜଷ୍ଟିସ

ସଂଗମ କୁମାର ସାହୁ ଏବଂ ଦେବଗଡ ଜିଲ୍ଲାସ୍ତରୀୟ ବିଚାର ବିଭାଗୀୟ ଅଧିକାରୀ ଓ ଆଇନ୍‌ଜୀବୀ ଯୋଗ ଦେଇଥିଲେ ।

## ଏଚ୍.ଏମ୍.ପି.ଭି.

ଏଚ୍.ଏମ୍.ପି.ଭି. ସଂକ୍ରମଣ ନେଇ ଭୟଭୀତ ନହେବାକୁ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି । ଦେଶରେ ଏଚ୍‌ଏମ୍‌ପିଭି ସଂକ୍ରମଣ ସୂଚନା ମିଳିବା ପରେ ପରିସ୍ଥିତିନେଇ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଗତକାଲି ଅନୁଷ୍ଠିତ ହୋଇଛି । ତେବେ ସଚେତନ ରହିବାକୁ ସ୍ୱାସ୍ଥ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି, ରାଜ୍ୟରେ ସ୍ୱାସ୍ଥ୍ୟ ବ୍ୟବସ୍ଥା ସୁଦୃଢ଼ ରହିଛି । ବୈଠକରେ ଜନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର, ସ୍ୱାସ୍ଥ୍ୟସଚିବ ଓ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପ୍ରମୁଖ ଉପସ୍ଥିତ ଥିଲେ । ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି...

**V/o-**

## ପ୍ରସେନଜିତ୍ ମହାନ୍ତିଙ୍କ ପରଲୋକ

ଆକାଶବାଣୀ କଟକ କେନ୍ଦ୍ରର ପୂର୍ବତନ କେନ୍ଦ୍ର ନିର୍ଦ୍ଦେଶକ ତଥା ଗାୟକ ପ୍ରସେନଜିତ୍ ମହାନ୍ତିଙ୍କର ଗତ ସଂଧ୍ୟାରେ ପରଲୋକ ହୋଇଛି । ୧୯୫୪ ମସିହାରେ କଟକ ଶେଖବଜାରଠାରେ ଜନ୍ମଗ୍ରହଣ କରିଥିବା ଶ୍ରୀ ମହାନ୍ତି ଓଡ଼ିଶାରେ ମେଲୋଡି ପରମ୍ପରାକୁ ଲୋକପ୍ରିୟ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଆକାଶବାଣୀର ସ୍ୱୀକୃତିପ୍ରାପ୍ତ କଣ୍ଠଶିଳ୍ପୀ ଭାବେ ସେ ନିଜର ପାରଦର୍ଶିତା ପ୍ରଦର୍ଶନ କରିଥିଲେ । ଆକାଶବାଣୀ କଟକ କେନ୍ଦ୍ରର କେନ୍ଦ୍ର ନିର୍ଦ୍ଦେଶକ ଭାବେ ସେ ଅବସର ଗ୍ରହଣ କରିଥିଲେ । ଶେଷ

ପର୍ଯ୍ୟନ୍ତ କଳାବିକାଶ କେନ୍ଦ୍ରର ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ ।

## ସୁବର୍ଣ୍ଣପୁର ଲୋକ ମହୋତ୍ସବ

ସୁବର୍ଣ୍ଣ ଲୋକମହୋତ୍ସବ ୨୦୨୫ ଗତକାଲିଠାରୁ ଆରମ୍ଭ ହୋଇଛି । ସୁବର୍ଣ୍ଣପୁର ଜିଲ୍ଲା ସଂସ୍କୃତି ପରିଷଦ ପକ୍ଷରୁ ରାମେଶ୍ୱର ଷ୍ଟାଡିୟମଠାରେ ଆୟୋଜିତ ସମାରୋହରେ ଯୋଗଦେଇ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏହାକୁ ଉଦ୍‌ଘାଟନ କରିଛନ୍ତି । ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ମହୋତ୍ସବରେ ପଲ୍ଲିଶ୍ରୀ ମେଳା ଏବଂ ଜିଲ୍ଲା ଉନ୍ନୟନ ପ୍ରଦର୍ଶନୀ ସହିତ ପ୍ରତିଦିନ ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ, ଖାଦ୍ୟଯୋଗାଣ ଓ ଖାଉଟୀକଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ବିଧାୟକ ରଘୁନାଥ ଜଗଦଳା ପ୍ରମୁଖ ଉପସ୍ଥିତ ଥିଲେ ।

## ଧନୁଯାତ୍ରା

ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାର ପଞ୍ଚମ ଦିବସରେ ଜରାସନ୍ଧ ସହିତ କଂସ ମହାରାଜଙ୍କ ଯୁଦ୍ଧ, କୃଷ୍ଣ ବଳରାମଙ୍କ ଗୋପପୁରରେ ବାଲ୍ୟଲୀଳା, କାଳୀୟଦଳନ ଏବଂ ବିଶ୍ୱରୂପ ଦର୍ଶନ ଆଦି ଅଭିନୀତି ହେବ । ଚତୁର୍ଥ ଦିବସରେ ଗତକାଲି ବାଣାସୁର ପରାଜୟ ଓ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା ଅଭିନୀତ ହୋଇଛି। କୃଷ୍ଣଙ୍କ ବାଲ୍ୟଲୀଳା ଦୃଶ୍ୟାଭିନୟ ଦେଖିବା ପାଇଁ ଗୋପପୁରରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା ।

# ହକି ଇଣ୍ଡିଆ ଲିଗ୍

ହକି ଇଣ୍ଡିଆ ଲିଗ୍ ପ୍ରତିଯୋଗିତାରେ ଗତକାଲିର ମ୍ୟାଚ୍‌ରେ ସୁରମା ହକି କ୍ଲବ ବିଜୟୀ ହୋଇଛି । ରାଉରକେଲାର ବିର୍ସାମୁଣ୍ଡା ଆନ୍ତର୍ଜାତିୟ ହକି ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚ୍‌ରେ ସୁର୍‌ମା ହକି କ୍ଲବ’ ଦିଲ୍ଲୀ ଏସ୍‌ଜି ପାଇପର୍ସକୁ ୩-୧ ଗୋଲ୍‌ରେ ପରାସ୍ତ କରିଛି । ଆଜି କଳିଙ୍ଗ ଲାନ୍ସର୍ସ ଏବଂ ଶ୍ରାଚୀ ରାହା ବେଙ୍ଗଲ ଟାଇଗର୍ସ ମଧ୍ୟରେ ମୁକାବିଲା ହେବ ।